**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**5 April - 2024**

*******************************

***Desk***

## ମତଦାନ ହାର ବଢ଼ାଇବା ପାଇଁ ପଦକ୍ଷେପ

ଦେଶର ୧୧ଟି ରାଜ୍ୟର ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ମତଦାନ ହାର ଗତ ୨୦୧୯ ନିର୍ବାଚନରେ କମ୍ ରହିଥିବା ଯୋଗୁଁ ଭାରତର ନିର୍ବାଚନ କମିଶନ ମତଦାନ ହାର ବଢ଼ାଇବା ପାଇଁ ପଦକ୍ଷେପ ନେଇଛନ୍ତି । ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରଥମଥର ପାଇଁ ଏଭଳି ପ୍ରୟାସ କରାଯାଉଛି । ନିର୍ବାଚନ କମିଶନଙ୍କର ବରିଷ୍ଠ ଅଧିକାରୀମାନେ ମତଦାନ ହାର କମ୍ ଥିବା ରାଜ୍ୟ ଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କ ସହିତ ମତଦାନ ହାର ବଢ଼ାଇବା ପାଇଁ ଆଜି ଆଲୋଚନା କରିବେ । ସୂଚନାଯୋଗ୍ୟ ୧୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ଟି ସଂସଦୀୟ କ୍ଷେତ୍ରରେ ୨୦୧୯ ମସିହାରେ କମ୍ ମତଦାନ ହାର ଥିଲା । ସେଥିମଧ୍ୟରୁ ୧୭ଟି ମହାନଗର ନିଗମ ଅଞ୍ଚଳ ଥିଲା । ଏହି ମହାନଗର ନିଗମ ଅଞ୍ଚଳ ଗୁଡ଼ିକରେ କମ୍ ସଂଖ୍ୟକ ଭୋଟର ଗତ ନିର୍ବାଚନରେ କମ୍ ମତଦାନ କରିଥିବାରୁ ମତଦାନ ହାରକୁ ବଢ଼ାଇବା ପାଇଁ ନିର୍ବାଚନ କମିଶନ ଏହି ପ୍ରୟାସ କରିଛନ୍ତି ।

## ବିସିଜି ଟୀକାକରଣ

ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁସାରେ ୧୮ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ଯକ୍ଷ୍ମା ରୋଗର ଉପଚାର ପାଇଁ

ବିସିଜି ଟୀକା ଦିଆଯିବ । ପୂର୍ବରୁ ଶିଶୁମାନଙ୍କୁ ଯକ୍ଷ୍ମା ନିରାକରଣ ଅଭିଯାନରେ ବିସିଜି ଟୀକା ଦିଆଯାଉଛି । ବର୍ତ୍ତମାନ ପରୀକ୍ଷାମୂଳକ ଭାବେ ରାଜ୍ୟର ୩୦ଟି ଜିଲ୍ଲାରୁ ୧୫ଟି ଜିଲ୍ଲାରେ ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ବିସିଜି ଟୀକା ଦେବାପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ତାଲିମ ଦିଆଯାଉଛି । ଏହି ଟୀକାକରଣ ସଫଳ ହେଲେ ରାଜ୍ୟର ବାକି ୧୫ଟି ଜିଲ୍ଲାରେ ଟୀକାକରଣ କରାଯିବ ବୋଲି ସ୍ୱାସ୍ଥ୍ୟବିଭାଗ ସୂଚନାରୁ ଜଣାପଡିଛି ।

## ଭୋଟର ସଚେତନତା

ନୂଆପଡା ଜିଲ୍ଲା ଖଡିଆଳ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଭୋଟର ସଚେତନତା କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଥିଲା । ନୂତନ ଭୋଟରମାନେ ସେମାନଙ୍କର ମତସାବ୍ୟସ୍ତ କରିବା ଉଦ୍ଦେଶ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଇଭିଏମ୍ ଭୋଟିଂ ମେସିନ୍‌ରେ ଭୋଟରମାନେ ମତସାବ୍ୟସ୍ତ କରିବା ଏବଂ ଭିଭିପାଟ୍‌ରେ ସେମାନେ ଦେଇଥିବା ଭୋଟ୍ ଠିକ୍ ଅଛି ନା ନାହିଁ ଜାଣିବା ପାଇଁ ଏହି କାର୍ଯ୍ୟକ୍ରମରେ ଭୋଟରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହିତ ଯୁବ ଭୋଟରମାନେ ସାମିଲ ହୋଇଥିଲେ ।

## ବଉଳା କୁମ୍ଭୀରଙ୍କର ପ୍ରଜନନ

ବଉଳା କୁମ୍ଭୀରଙ୍କର ପ୍ରଜନନ ପ୍ରକ୍ରିୟା ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ଓ ଭିତରକନିକା ଅଭୟାରଣ୍ୟ ଆସନ୍ତା ମେ’ ମାସ ପହିଲାରୁ ଜୁଲାଇମାସ ଶେଷ ପର୍ଯ୍ୟନ୍ତ ବନ୍ଦ ରହିବ । ଅଭୟାରଣ୍ୟକୁ ବୁଲିବା ପାଇଁ ଇଚ୍ଛା

କରୁଥିବା ପର୍ଯ୍ୟଟକମାନେ ଏହି ସମୟରେ ଭିତରକନିକା ଜାତୀୟ ଉଦ୍ୟାନ ଏବଂ ଭିତରକନିକା ଅଭୟାରଣ୍ୟକୁ ନଆସିବା ପାଇଁ ଲୁଣା ଜଙ୍ଗଲ ବନଖଣ୍ଡ ରାଜନଗର ପକ୍ଷରୁ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି ।

# ଏନ୍‌ସିଇଆର୍‌ଟି ପାଠ୍ୟକ୍ରମ

ଚଳିତ ଶିକ୍ଷାବର୍ଷର ସିବିଏସ୍‌ଇ ପାଠ୍ୟକ୍ରମର ତୃତୀୟ ଓ ଷଷ୍ଠ ଶ୍ରେଣୀର ପାଠ୍ୟପୁସ୍ତକ ଆସନ୍ତା ୧୫ ତାରିଖ ସୁଦ୍ଧା ମିଳିବ ବୋଲି ଏନ୍‌ସିଇଆର୍‌ସି ପକ୍ଷରୁ କୁହାଯାଇଛି । ତୃତୀୟ ଓ ଷଷ୍ଠ ଶ୍ରେଣୀ ପାଠ୍ୟପୁସ୍ତକରେ ପରିବର୍ତ୍ତନ କରାଯାଇଥିବାରୁ ନୂଆଦିଲ୍ଲୀର ମୁଦ୍ରଣ ଏବଂ ଯୋଗାଣରେ ବିଳମ୍ବ ଘଟୁଛି । ଏନ୍‌ସିଇଆର୍‌ଟିର ସୂଚନା ଅନୁସାରେ ସମସ୍ତ ପୁସ୍ତକଗୁଡ଼ିକୁ ଡିଜିଟାଲାଇଜେସନ କରାଯାଇଛି । ଶିକ୍ଷାର୍ଥୀମାନେ ପୁସ୍ତକଗୁଡ଼ିକୁ ପିଏମ୍ ଇ ବିଦ୍ୟା ଏବଂ ନ୍ୟାସନାଲ ଡିଜିଟାଲ ଲାଇବ୍ରେରୀରୁ ଡାଉନ୍‌ଲୋଡ୍ କରିପାରିବେ ବୋଲି ଏନ୍‌ସିଇଆର୍‌ଟି କହିଛି ।

# ଇମ୍ରାନ ପ୍ରଜ୍ଞା - ଆୱାର୍ଡ

ସମ୍ବଲପୁର ସହରର ଇମ୍ରାନ ପ୍ରଜ୍ଞା ସାମନ୍ତରାୟ ଆନ୍ତର୍ଜାତିକ ସ୍ତରରେ ‘ଦ ଗୋଲ୍ଡେନ ପେନ୍’ ଜୁରି ଆୱାର୍ଡ ପାଇଛନ୍ତି । ପୁସ୍ତକ ଲେଖୁଥିବା ଏବଂ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକବର୍ଷ ଆନ୍ତର୍ଜାତିକ ସଂସ୍ଥା ‘ବ୍ରି ବୁକସ’ ପ୍ୟାନେଲ ଏହି ପ୍ରତିଯୋଗିତାର ଆୟୋଜନ କରୁଛି । ଚଳିତବର୍ଷ ଶେଷ ହୋଇଥିବା ବ୍ରି ବୁକ୍‌ସ କାର୍ଯ୍ୟକ୍ରମରେ ୨୬ଟି ଦେଶର ୨୦ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ୫ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କେନ୍ଦ୍ର ଶିକ୍ଷା ଓ ଦକ୍ଷତା

ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇମ୍ରାନ୍ ପ୍ରଜ୍ଞାଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ସମ୍ବଲପୁର ଲେଖାପଢ଼ା ଏବଂ ଅଭିବ୍ୟକ୍ତିର ଏକ ମହାନ ପରମ୍ପରା ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ଅଧିକ ଗରମ ଅନୁଭୂତ ହେଉଛି । ଆସନ୍ତାକାଲି ପର୍ଯ୍ୟନ୍ତ ପାଗରେ ପରିବର୍ତ୍ତନ ହେବ ନାହିଁ ଏବଂ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ରାଜ୍ୟର କେତେକ ସ୍ଥାନରେ ତାପମାତ୍ରା ୪୫ଡିଗ୍ରୀ ପହଞ୍ଚିବ ବୋଲି ପାଣିପାଗ ବିଜ୍ଞାନୀ ମାନେ ଅନୁମାନ କରିଛନ୍ତି । ବଲାଙ୍ଗିର, ବୌଦ୍ଧ, ଅନୁଗୁଳ, ମାଲକାନଗିରି, ନୟାଗଡ ଏବଂ କେନ୍ଦୁଝର ଜିଲ୍ଲାରେ ଅଧିକ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗ ସୂଚନା ଅନୁସାରେ, ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି, କେନ୍ଦୁଝର, କନ୍ଧମାଳ ଏବଂ ନୟାଗଡ଼ରେ ରାତି ତାପମାତ୍ରା ବୃଦ୍ଧି ପାଇଛି। ପଶ୍ଚିମାଝଡ଼ ପ୍ରଭାବରେ ଆଜି ବରଗଡ, ଅନୁଗୁଳ, ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ବାଲେଶ୍ୱର ଜିଲ୍ଲାରେ ବିଜୁଳି ଘଡଘଡି ସହିତ କାଳବୈଶାଖୀ ସମ୍ଭାବନା ଅଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଏହି ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଦିଆଯାଇଛି । ରାଜ୍ୟର ୧୧ଟି ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ଗତକାଲି

ମାଲକାନଗିରି ଏବଂ ବୌଦ୍ଧରେ ସର୍ବାଧିକ ୪୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା ।

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ପାଠପଢ଼ା ସମୟରେ ୩ ଥର ପାଣି ଯୋଗାଇ ଦେବାପାଇଁ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାବ୍ୟତୀତ ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର ଜିଲ୍ଲାର ସ୍କୁଲ ପାଠପଢ଼ା ସମୟ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ମଧ୍ୟରେ ସୀମିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।